# NATIONAL NEWS BULLETIN (ODIA)
## 9 March - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ସଂସଦର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଆରମ୍ଭ ହେବ ଆସନ୍ତାକାଲି
- ଆସନ୍ତାକାଲିଠାରୁ ତିନିଦିନିଆ ହରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବ ଗସ୍ତରେ ଯିବେ ରାଷ୍ଟ୍ରପତି
- ଦେଶରେ ଗାଡ଼ିଚାଳକମାନଙ୍କ ପାଇଁ ସମବାୟ ସଂଗଠନ ଗଠନ କରିବାକୁ ସରକାର ଯୋଜନା କରିଛନ୍ତି ବୋଲି କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ଭାରତ ଓ କିର୍‌ଗିଜ୍‌ସ୍ତାନ ମଧ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ମିଳିତ ସ୍ୱତନ୍ତ୍ର ବାହିନୀ ଅଭ୍ୟାସ 'ଖାଞ୍ଜାର୍ ଦ୍ୱାଦଶ ସଂସ୍କରଣ'

ଏବଂ

- ଆଇସିସି ଚମ୍ପିଆନ୍ସ ଟ୍ରଫି କ୍ରିକେଟ ଫାଇନାଲରେ ଭାରତ ସମ୍ମୁଖରେ ୨୫୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ନ୍ୟୁଜିଲାଣ୍ଡ

# ପାର୍ଲ୍ୟାମେଣ୍ଟ- ବଜେଟ୍ ସେସନ୍

ସଂସଦର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏପ୍ରିଲ ମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୨୦ଟି ବୈଠକ ବସିବ। ଆସନ୍ତାକାଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଣିପୁର ପାଇଁ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଗତ ମାସରେ ମୁଖ୍ୟମନ୍ତ୍ରୀ ଏନ୍.ବିରେନ ସିଂହଙ୍କ ଇସ୍ତଫା ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା।

ଅଧିବେଶନରେ ୨୦୨୫-୨୬ ବର୍ଷ ପାଇଁ ଅନୁଦାନ ଦାବି ଏବଂ ଆନୁସଙ୍ଗିକ ବିନିଯୋଗ ବିଲ୍ ଉପରେ ଆଲୋଚନା ଓ ମତଦାନ ହେବ। ଆର୍ଥିକ ବ୍ୟବସାୟ ବ୍ୟତୀତ ବ୍ୟାଙ୍କିଂ ଆଇନ (ସଂଶୋଧନ) ବିଲ୍, କୋଷ୍ଟାଲ ସିପିଂ ବିଲ୍- ୨୦୨୪, ଇମିଗ୍ରେସନ୍ ଆଣ୍ଡ ଫରେନର୍ସ ବିଲ୍ ୨୦୨୫ ଏବଂ ରେଳବାଇ (ସଂଶୋଧନ) ବିଲ୍ ସମେତ ଅନେକ ବିଲ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ଓ ପାରିତ ହେବ।

ସଂସଦର ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ  ଜାନୁଆରୀ ୩୧ରୁ ଆରମ୍ଭ ହୋଇ ଫେବୃଆରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସଂସଦର ଉଭୟ ଗୃହର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ

ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ଫେବୃଆରୀ ମାସ ୧ ତାରିଖରେ ବଜେଟ୍ ଉପସ୍ଥାପନ କରିଥିଲେ। ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିଥିଲେ। ପ୍ରଥମ ପର୍ଯ୍ୟାୟରେ ଲୋକସଭାରେ ୧୧୨ ପ୍ରତିଶତ ଉତ୍ପାଦକତା ରେକର୍ଡ କରାଯାଇଥିଲା। ଓ୍ୱାକ୍ଫ (ସଂଶୋଧନ) ବିଲ୍-୨୦୨୪ ଉପରେ ଯୁଗ୍ମ କମିଟିର ରିପୋର୍ଟ ମଧ୍ୟ ଲୋକସଭାରେ ଉପସ୍ଥାପିତ ହୋଇଥିଲା।

## ପ୍ରେସିଡେଣ୍ଟ- ହରିୟାଣା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲିଠାରୁ ତିନିଦିନିଆ ହରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବ ଗସ୍ତରେ ଯିବେ। ଗସ୍ତର ପ୍ରଥମ ଦିନରେ ରାଷ୍ଟ୍ରପତି ହିସାରସ୍ଥିତ ଗୁରୁ ଜାମ୍ଭେଶ୍ୱର ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିଦିନ ସେ ବ୍ରହ୍ମକୁମାରୀମାନଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ରାଜ୍ୟସ୍ତରୀୟ ଅଭିଯାନ 'ଆଧ୍ୟାତ୍ମିକ ଶିକ୍ଷା ଫର୍ ହୋଲିଷ୍ଟିକ୍ କଲ୍ୟାଣ'ର ଶୁଭାରମ୍ଭ କରିବେ।

ପରଦିନ ରାଷ୍ଟ୍ରପତି ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଭଟିଣ୍ଡାସ୍ଥିତ ଏମ୍ସ'ର ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସନ୍ଧ୍ୟାରେ ସେ ମୋହାଲିଠାରେ ପଞ୍ଜାବ ସରକାରଙ୍କ

ଦ୍ୱାରା ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେବେ । ଆସନ୍ତା ୧୨ ତାରିଖରେ ରାଷ୍ଟ୍ରପତି ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବେ ।

## ଗୁଜୁରାଟ– ଅମିତ ଶାହା ଟୁର

ସ୍ୱରାଷ୍ଟ୍ର ଅମିତ ଶାହା ଆଜି ଗୁଜରାଟର ଅହମ୍ମଦାବାଦଠାରେ ସାସ୍ତୁ ସାହିତ୍ୟ ମୁଦ୍ରଣାଳୟ ଟ୍ରଷ୍ଟ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ୨୪ଟି ପୁନଃମୁଦ୍ରିତ ହୋଇଥିବା ପୁସ୍ତକକୁ ଉନ୍ମୋଚନ କରିଛନ୍ତି । ଗୋବର୍ଦ୍ଧନରାମ ତ୍ରିପାଠୀ, ହେମଚନ୍ଦ୍ରଚାର୍ଯ୍ୟ, ନର୍ମଦ, ନରସିଂହ ମେହେଟ୍ଟା ଓ ଜାଭେରଚାନ୍ଦ ମେଘାନୀଙ୍କ ଭଳି ପ୍ରଖ୍ୟାତ ପଣ୍ଡିତମାନେ ଗୁଜରାଟୀ ଭାଷାକୁ ସମୃଦ୍ଧ କରିଥିବାରୁ ଶ୍ରୀ ଶାହା ସେମାନଙ୍କୁ ପ୍ରଶଂସା କରିଥିଲେ । ପାଠପଢ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଗୁଜରାଟ ସରକାରଙ୍କ ପ୍ରୟାସକୁ ଧନ୍ୟବାଦ ଜଣାଇଥିଲେ ।

ଏହା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଜୈନାଚାର୍ଯ୍ୟ ଶ୍ରୀମଦ୍ ବୁଦ୍ଧିସାଗର ସୁରିଶ୍ୱରଜୀ ମହାରାଜଙ୍କ ଅର୍ଦ୍ଧଶତବାର୍ଷିକୀ ଅବସରରେ ଏକ ସ୍ମାରକୀ ମୁଦ୍ରା ଉନ୍ମୋଚନ କରିଥିଲେ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ  ଶାହା ଆଜି ଦେଶରେ ଡ୍ରାଇଭରମାନଙ୍କ ପାଇଁ ଏକ ସମବାୟ ସଂଗଠନ ଗଠନ କରିବାକୁ ସରକାରଙ୍କ ଯୋଜନା ଘୋଷଣା କରିଛନ୍ତି । ଅହମ୍ମଦାବାଦର ଜେତଲପୁରଠାରେ ଅହମ୍ମଦାବାଦ ଜିଲ୍ଲା ସମବାୟ –ଏଡିସି ବ୍ୟାଙ୍କର ସୁବର୍ଣ୍ଣ ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା କହିଛନ୍ତି । କୃଷି ଓ ଦୁଗ୍ଧ କ୍ଷେତ୍ରର ଉନ୍ନତି

ପାଇଁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୨ ଲକ୍ଷ ସେବା ସମବାୟ ସମିତି ଓ ପ୍ରାଥମିକ ଦୁଗ୍ଧ ଉତ୍ପାଦକ ସମିତିକୁ ସମବାୟ ଆନ୍ଦୋଳନରେ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଛନ୍ତି। ଅହମ୍ମଦାବାଦସ୍ଥିତ ସାସ୍ତୁ ସାହିତ୍ୟ ମୁଦ୍ରାନାଳୟ ଟ୍ରଷ୍ଟରେ ୨୦୨୪-୨୫ ବର୍ଷ ପାଇଁ ୨୪ଟି ପୁନଃମୁଦ୍ରିତ ପୁସ୍ତକ ଉନ୍ମୋଚନ କରିଛନ୍ତି ମନ୍ତ୍ରୀ ଶାହା।

## ହେଲ୍‌ଥ-ଇନଷ୍ଟିଚ୍ୟୁଟ୍

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ଦେଶର ଜନସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବାର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ନୂଆଦିଲ୍ଲୀରେ ଆଜି ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ'ର ୪୮ତମ ବାର୍ଷିକ ଉତ୍ସବକୁ ଆଭାସି ଜରିଆରେ ସମ୍ବୋଧିତ କରି ଶ୍ରୀ ନଡ୍ଡା ଏହା କହିଛନ୍ତି। ସେ କହିଛନ୍ତି, ଦେଶର ଜନସ୍ୱାସ୍ଥ୍ୟ ପେଶାଦାରମାନଙ୍କ ପାଇଁ ପ୍ରଶିକ୍ଷଣ, ଗବେଷଣା ଏବଂ ଦକ୍ଷତା ବିକାଶ କାର୍ଯ୍ୟକଳାପ ପରିଚାଳନା କରିବାରେ ପରିବାର କଲ୍ୟାଣ ପ୍ରତିଷ୍ଠାନ ଆଗରେ ରହିଛି। ଅନୁଷ୍ଠାନରେ ଜାତୀୟ ଶୀତଳ ଶୃଙ୍ଖଳା ଏବଂ ଟିକା ପରିଚାଳନା ସମ୍ବଳ କେନ୍ଦ୍ରର ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା କହିଛନ୍ତି, ଏହି କେନ୍ଦ୍ରକୁ ଏକ ଅନ୍ତର୍ଜାତୀୟ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଛି । ଏହାର ସମ୍ପ୍ରସାରଣ କେବଳ ଦେଶ ଭିତରେ ସୀମିତ ନୁହେଁ ବରଂ ସମଗ୍ର

ବିଶ୍ୱରେ ଟିକାକରଣ ଓ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ’ ଭାରତର ନେତୃତ୍ୱର ପ୍ରମାଣ ବୋଲି ଶ୍ରୀ ନଡ୍ଡା କହିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି, ଭାରତ ଜନସ୍ୱାସ୍ଥ୍ୟର ଏକ ନୂତନ ଯୁଗରେ ପ୍ରବେଶ କରିଥିବାବେଳେ ସରକାର ସାର୍ବଜନୀନ ସ୍ୱାସ୍ଥ୍ୟବୀମା ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଦେଶରେ ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରି ସରକାର ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟସେବାକୁ ସୁଲଭ ଓ ସୁଗମ କରୁଛନ୍ତି। ଶ୍ରୀମତୀ ପଟେଲ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ସହିତ ଡିଜିଟାଲ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

# ପିଏମ୍- ଏମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀସ୍ଥିତ ଏମ୍ସକୁ ଯାଇ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଉପରାଷ୍ଟ୍ରପତିଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଆଶୁଆରୋଗ୍ୟ କାମନା କରିଛନ୍ତି । ଗତକାଲି ରାତିରେ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀ ଧନଖଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ବର୍ତ୍ତମାନ ସ୍ଥିର ଅଛି।

# ଜେପି ନଡ୍ଡା ନ୍ୟୁ ସ୍କିମ୍

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ତ୍ରିପୁରାରେ ଝିଅମାନଙ୍କ ପାଇଁ ଦୁଇଟି ନୂଆ ଯୋଜନା ମୁଖ୍ୟମନ୍ତ୍ରୀ ବାଳିକା ସମୃଦ୍ଧି ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ଆତ୍ମନିର୍ଭର ଯୋଜନା ଘୋଷଣା କରିଛନ୍ତି ।

ତ୍ରିପୁରାରେ ବିଜେପି ନେତୃତ୍ୱାଧୀନ ଏନ.ଡି.ଏ ସରକାରର କ୍ରମାଗତ ସପ୍ତମ ବର୍ଷ ପୂର୍ତ୍ତି ଅବସରରେ ଅଗରତାଲାର ସ୍ୱାମୀ ବିବେକାନନ୍ଦ ପଡ଼ିଆରେ ଏକ ରାଲିକୁ ସମ୍ବୋଧିତ କରିବା ଅବସରରେ ଶ୍ରୀ ନଡ୍ଡା ତ୍ରିପୁରା ସରକାରଙ୍କ ଏହି ଦୁଇଟି ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ବାଳିକା ସମୃଦ୍ଧି ଯୋଜନାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରରେ କନ୍ୟା ସନ୍ତାନ ଜନ୍ମ ହେଲେ ରାଜ୍ୟ ସରକାର ବଣ୍ଡ୍ ଆକାରରେ ତାଙ୍କ ନାମରେ ୫୦ ହଜାର ଟଙ୍କା ଜମା କରିବେ । ଝିଅମାନଙ୍କର ବୟସ ୧୮ ବର୍ଷ ହେବା ପରେ ସେମାନଙ୍କୁ ମୋଟ ୧୦ ଲକ୍ଷ ଟଙ୍କା ମିଳିବ । ଏହି ଟଙ୍କାକୁ ସେମାନଙ୍କର ପାଠପଢ଼ା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ।

ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଦ୍ୱିତୀୟ ଯୋଜନା ହେଉଛି ମୁଖ୍ୟମନ୍ତ୍ରୀ କନ୍ୟା ଆତ୍ମନିର୍ଭର ଯୋଜନା। ତ୍ରିପୁରା ବୋର୍ଡ, ସି.ବି.ଏସ.ଇ ଓ

ଆଇ.ସି.ଏସ.ଇ ପରୀକ୍ଷା ଦେଉଥିବା ୧୪୦ ଜଣ ମେଧାବୀ ଛାତ୍ରୀଙ୍କୁ ସ୍କୁଟି ଗାଡ଼ି ପ୍ରଦାନ କରାଯିବ। ଏହି ଦୁଇଟି ଯୋଜନାର ପରିକଳ୍ପନା ମୁଖ୍ୟମନ୍ତ୍ରୀ ଡକ୍ଟର ମାଣିକ ସାହା କରିଛନ୍ତି ବୋଲି ଶ୍ରୀ ନଡ୍ଡା କହିଛନ୍ତି।

## ଇଣ୍ଡିଆ- କିର୍ଗିସ୍ତାନ

କିର୍ଗିଜସ୍ତାନରେ ଭାରତ-କିର୍ଗିଜସ୍ତାନ ଆସନ୍ତାକାଲିଠାରୁ ମିଳିତ ସ୍ୱତନ୍ତ୍ର ବାହିନୀ ଅଭ୍ୟାସ 'ଖାନଜାର-ଦ୍ୱାଦଶ ସଂସ୍କରଣ' ଅନୁଷ୍ଠିତ ହେବାକୁ ଯାଉଛି। ଏହି ମିଳିତ ଅଭ୍ୟାସ ଚଳିତ ମାସ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ସହରାଞ୍ଚଳ ଏବଂ ପାହାଡ଼ିଆ  ଅଞ୍ଚଳରେ ଆତଙ୍କବାଦ ମୁକାବିଲା, ସ୍ୱତନ୍ତ୍ର ବାହିନୀ ଅଭିଯାନରେ ଅଭିଜ୍ଞତା ଏହି ଅଭ୍ୟାସର ମୂଳଉଦ୍ଦେଶ୍ୟ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଅଭ୍ୟାସରେ ସ୍ନାଇପିଂ, ଜଟିଳ ନିର୍ମାଣ ହସ୍ତକ୍ଷେପ ଏବଂ ପର୍ବତ କୌଶଳର ଉନ୍ନତ ସ୍ୱତନ୍ତ୍ର ବାହିନୀ ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବ। ଏହା ଦ୍ୱାରା ଅନ୍ତର୍ଜାତୀୟ ଆତଙ୍କବାଦ ଓ ଉଗ୍ରବାଦର ସମାଧାନ କରିବା ସହିତ ପ୍ରତିରକ୍ଷା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷଙ୍କୁ ସୁଯୋଗ ମିଳିବ। ଅଭ୍ୟାସ ଦ୍ୱାରା ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଏବଂ ନିରାପତ୍ତାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଓ କିର୍ଗିଜସ୍ତାନ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

୨୦୧୧ରେ ଏହାର ପ୍ରତିଷ୍ଠା ପରଠାରୁ ଅଭିଯାନ 'ଖଞ୍ଜାର ଦ୍ୱାଦଶ' ବାର୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିକଶିତ ହୋଇଛି।  ଗତ ବର୍ଷ ଜାନୁଆରୀ

ମାସରେ ଭାରତରେ ଏହି ଅଭ୍ୟାସର ଶେଷ ସଂସ୍କରଣ ଅନୁଷ୍ଠିତ ହୋଇଥିଲା।

## ମୁମ୍ବାଇ ଲେବରର୍ ଡେଥ୍

ମୁମ୍ବାଇର ନାଗପଡ଼ାରେ ଆଜି ଅପରାହ୍ନରେ ଏକ ନିର୍ମାଣାଧୀନ କୋଠାର ପାଣି ଟାଙ୍କି ସଫା କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୫ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୁମ୍ବାଇ ଅଗ୍ନିଶମ ବାହିନୀ ଶ୍ରମିକମାନଙ୍କୁ ଉଦ୍ଧାର କରି ଜେ.ଜେ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତଘୋଷଣା କରାଯାଇଥିଲା।

## ଅଷ୍ଟ୍ରେଲିଆ ଷ୍ଟର୍ମ୍

ଅଷ୍ଟ୍ରେଲିଆରେ ସଂଘଠିତ ହୋଇଥିବା ସାମୁଦ୍ରିକ ଝଡ଼ 'ଆଲଫ୍ରେଡ' ଦେଶର ପୂର୍ବ ଉପକୂଳ ଛୁଇଁବା ପରେ ଜଣେ ବ୍ୟକ୍ତି ବୁଡ଼ି ଯାଇଥିବା ବେଳେ ୧୩ ଜଣ ସୈନିକ ଆହତ ହୋଇଛନ୍ତି। ସାମୁଦ୍ରିକ ଝଡ଼ 'ଆଲଫ୍ରେଡ୍' ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଥିଲେ ମଧ୍ୟ ଗତକାଲି ଏହା ସ୍ଥଳଭାଗ ଛୁଇଁବା ପରେ ପ୍ରବଳ ବର୍ଷା ସହ ପବନ ବହିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

# କ୍ରିକେଟ

ଦୁବାଇର ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମ୍‌ରେ ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ଫାଇନାଲରେ ଭାରତ ଓ ନ୍ୟୁଜିଲାଣ୍ଡ  ମଧ୍ୟରେ ମୁକାବିଲା ଚାଲିଛି । ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୫୧ ରନ୍ ସଂଗ୍ରହ କରିଛି । ସ୍ପିନ୍ ଉପଯୋଗୀ ଏହି ପିଚ୍‌ରେ ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ଓ କୁଳଦୀପ ଯାଦବ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିବାବେଳେ ମହମ୍ମଦ ସାମି ଓ ରବିନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଛନ୍ତି । ମିଚେଲ’ ବିରାଟ କୋହଲିଙ୍କ ଚିତ୍ତାକର୍ଷକ ଫିଲ୍ଡିଂ ବଳରେ ରନ୍‌ଆଉଟ୍ ହୋଇଥିଲେ ।

ଅପରପକ୍ଷରେ ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ ୧୦୧ଟି ବଲ୍ ସର୍ବାଧିକ ୬୩ ରନ୍ କରିଥିବାବେଳେ ମିଚେଲ ବ୍ରେସୱେଲ ୪୦ଟି ବଲ୍ ଖେଳି ଅପରାଜିତ ୫୩ ରନ୍, ରଚିନ ରବୀନ୍ଦ୍ର ୩୭ ରନ୍ ସଂଗ୍ର କରିଥିଲେ । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୨୫୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୯ ଓଭରରେ କୌଣସି ୱିକେଟ୍ ନ ହରାଇ ୫୯ ରନ୍ ସଂଗ୍ରହ କରିଛି ।

ଭାରତ ପୂର୍ବରୁ ୨୦୦୨ ଏବଂ ୨୦୧୩ରେ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ହାସଲ କରିଥିବା ବେଳେ ତୃତୀୟ ଥର ପାଇଁ ପୁଣିଥରେ ଟାଇଟଲ ଜିତିବା ଲକ୍ଷ୍ୟ ପଡ଼ିଆକୁ ଓହ୍ଲାଇଛି ।